# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**9 July – 2025**

---

# ନିଳାଦ୍ରୀ ବିଜେ

ନବଦିନାତ୍ମକ ଯାତ୍ରା ସାରି ଗତକାଲି ନିଳାଦ୍ରୀ ବିଜେ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଶ୍ରୀକ୍ଷେତ୍ର ପୁରୀରେ ରଥ ଉପରେ ଦୈନନ୍ଦିନ ନୀତିକାନ୍ତି ଓ ସନ୍ଧ୍ୟାଧୂପ ନୀତି ଅନୁଷ୍ଠିତ ହୋଇଥିଲା । ଗୋଟି ପହଣ୍ଡିରେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା । ଏହା ପରେ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ତା' ପଛକୁ ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରତ୍ନବେଦୀକୁ ନିଆଯାଇଥିଲା । ନବଦିନାତ୍ମକ ଯାତ୍ରା ପରେ ଆଜି ଅପରାହ୍ନରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିଳାଚଳ ଅବଢ଼ା ମିଳିବ ।

କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ନିଳାଦ୍ରୀବିଜେ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ।

---

# ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବ୍ରାଜିଲର ସର୍ବୋଚ୍ଚ ବେସାମରିକ ସମ୍ମାନ ଗ୍ରାଣ୍ଡ କଲାର ଅଫ୍ ଦି ନ୍ୟାଶନାଲ୍ ଅର୍ଡର ଅଫ୍ ଦି ସଦର୍ନ କ୍ରସ୍ ସମ୍ମାନରେ ସମ୍ମାନିତ କରାଯାଇଛି । ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍‌ଭା'

ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତର ଅନ୍ୟ ଦେଶମାନଙ୍କ ସହ ଦ୍ୱିପାକ୍ଷିକ ସଂପର୍କ ସୁଦୃଢ଼ ହୋଇଛି ।  ଏହା ପ୍ରଧାନମନ୍ତ୍ରୀଙ୍କ ବିଶ୍ୱ ନେତୃତ୍ୱର ଦୂରଦୃଷ୍ଟିତାକୁ ଦର୍ଶାଉଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ସାକ୍ଷ୍ୟ ଗ୍ରହଣ

ରଥଯାତ୍ରା ସମୟରେ ଶରଧାବାଲିରେ ଦଳାଚକଟା ଘଟଣାର ତଦନ୍ତ କରୁଥିବା ଉନ୍ନୟନ କମିଶନର ଅନୁ ଗର୍ଗ ଆଜି  ଭୁବନେଶ୍ୱର ରାଜ୍ୟ ଅତିଥି ଭାବନରେ ସାକ୍ଷ୍ୟ ଗ୍ରହଣ କରିବେ । ସେହିଭଳି ଆସନ୍ତାକାଲି ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣା ସଂପର୍କରେ ଆଗ୍ରହୀ ବ୍ୟକ୍ତି ସାକ୍ଷ୍ୟ ଦେଇପାରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଅତିରିକ୍ତ ଦାୟିତ୍ୱ

ଅର୍ଥ ବିଭାଗର ଅତିରିକ୍ତ ସଚିବ ଡକ୍ଟର ସତ୍ୟପ୍ରିୟ ରଥଙ୍କୁ ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ  ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିଭଳି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ରଙ୍କୁ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଛି ।

# ପ୍ରଶିକ୍ଷଣ

ରାଜ୍ୟ ସୂଚନା ଆୟୋଗଙ୍କ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଆଇନ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ ପରିଡ଼ା କହିଛନ୍ତି ଏହି ପ୍ରଶିକ୍ଷଣ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଅଧିକାର ଅଧିନିୟମ ସଂପର୍କରେ ଜ୍ଞାନ ହାସଲ ପାଇଁ ସହାୟକ ହେବ ।

# ସଂକ୍ରାମକ ରୋଗ

ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆ ଭଳି ସଂକ୍ରାମକ ରୋଗ ବ୍ୟାପିଥିବା ଦୃଷ୍ଟିରୁ ସ୍ୱାସ୍ଥ୍ୟବିଭାଗ ଓ ବ୍ରହ୍ମପୁର ମହାନଗରନିଗମ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଚଳିତମାସ ପହିଲାରୁ ସମନ୍ୱିତ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅଭିଯାନରେ ଘରକୁ ଘର ବୁଲି ଟିକାକରଣ କାର୍ଯ୍ୟ କରାଯାଉଛି । ଆସନ୍ତା ଅଗଷ୍ଟମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଏହା ବ୍ୟତୀତ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ୩୫ ନମ୍ବର ୱାର୍ଡରେ ୱାର୍ଡ କଲ୍ୟାଣ ସମିତି ସହଯୋଗରେ ସ୍ୱତନ୍ତ୍ର ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା ।

# ବଡ଼ମେଡ଼ିକାଲ

ଛୁଟିଦିନରେ ମାନସିକ ରୋଗୀଙ୍କ ପାଇଁ କଟକ ବଡ଼ମେଡ଼ିକାଲର ବହିର୍ବିଭାଗ ଖୋଲା ରହିବ । କ୍ଲିନିକାଲ୍ ମନସ୍ତାତ୍ତ୍ୱିକ ଓ ମନସ୍ତାତ୍ତ୍ୱିକ ସାମାଜିକ କର୍ମୀ ଛୁଟିଦିନରେ ବହିର୍ବିଭାଗରେ ଉପସ୍ଥିତ ରହିବେ । ସେହିପରି ରବିବାର ମଧ୍ୟ ବହିର୍ବିଭାଗ ଖୋଲା ରହିବ । ପୂର୍ବରୁ ସପ୍ତାହରେ ରବିବାର ବ୍ୟତୀତ ୬ ଦିନ

ବହିର୍ବିଭାଗ ଖୋଲା ରହୁଥିଲା । ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି ।

---

## ବନ୍ଦ

ବିଭିନ୍ନ ସମସ୍ୟାକୁ ନେଇ ଆଜି କେତେକ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଓ ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବନ୍ଦ ପାଳନ କରାଯାଉଛି । ବନ୍ଦ ଯୋଗୁଁ ଜନଜୀବନ ପ୍ରଭାବିତ ହେବା ଆଶଙ୍କା କରାଯାଉଛି ।

---

## ସର୍ବେକ୍ଷଣ ତାଲିମ

ପରିବାରରେ ପିତୃମାତୃହୀନ ଶିଶୁ ଓ ଏକକ ପିତୃମାତୃ ଶିଶୁଙ୍କ ଚିହ୍ନଟ ନିମନ୍ତେ ସର୍ବେକ୍ଷଣ ତାଲିମ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସିଡିପିଓ, ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀମାନେ ଯୋଗ ଦେଇଥିଲେ ।

---

## ବନମହୋତ୍ସବ

ଗଞ୍ଜାମ ଜିଲ୍ଲାର ଛତ୍ରପୁର ଅନ୍ତର୍ଗତ ସିନ୍ଦୂରାପଲୀଠାରେ ଜିଲ୍ଲାସ୍ତରୀୟ ପରିବେଶ ସଂରକ୍ଷଣ ଓ ବନମହୋତ୍ସବ କାର୍ଯ୍ୟକ୍ରମରେ  ପ୍ରକୃତିବନ୍ଧୁ ଓ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଏହି ଅବସରରେ ଚାରା ରୋପଣ କରାଯାଇଥିଲା ।

---

## ମାଓକ୍ୟାମ୍ପ ଠାବ

ନୂଆପଡ଼ା ଜିଲ୍ଲା ସିନାପାଲୀ ନାରାୟଣଡଙ୍ଗରରୁ ଏକ ମାଓକ୍ୟାମ୍ପ ଠାବ କରାଯାଇଛି । ସେଠାରୁ ଗୋଟିଏ ଟିଫିନ୍ ବୋମା, ୨୦ଟି ଜିଲୋଟିନ୍, ଇଲେକ୍ଟ୍ରି ଡିଟୋନେଟର ଓ ବିଦ୍ୟୁତ୍ ସାମଗ୍ରୀ ଜବତ କରାଯାଇଥିବା ନୂଆପଡ଼ା ଏସ୍.ପି. ଜି.ଆର୍. ରାଘବେନ୍ଦ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

---

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୨ଟି ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ସାଢ଼େ ୬ଟା ସୁଦ୍ଧା ୬୦୬ ଦଶମିକ ୨/୩ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ଲକ୍ଷ ୨୯ ହଜାର ୧୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ୨ଲକ୍ଷ ଅଣସ୍ତରୀ ହଜାର ୮୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି ।

---

## ବାଳିକା ହକି

ରାଞ୍ଚିରେ ଚାଲିଥିବା ପଞ୍ଚଦଶ ବାଳିକା ହକି ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍‌ରେ ଓଡ଼ିଶା ପ୍ରବେଶ କରିଛି । ଗ୍ରୁପ୍-ସିରେ ଦୁଇଟିଯାକ ମ୍ୟାଚ୍

ଜିତି ଓଡ଼ିଶା ଶୀର୍ଷ ସ୍ଥାନ ସହ କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛି । ପ୍ରଥମ ମ୍ୟାଚ୍‌ରେ ପଞ୍ଜାବକୁ ହରାଇଥିବା ଓଡ଼ିଶା ଦଳ ଗତକାଲି ୩-୦ ଗୋଲ୍‌ରେ ମହାରାଷ୍ଟ୍ରକୁ  ପରାସ୍ତ କରିଥିଲା ।

.......................................................................................................